# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 12th March - 2025

*************************************

## ମୁଖ୍ୟ ସମ୍ବାଦ

- ରାସନକାର୍ଡ ଧାରୀଙ୍କୁ ପୂର୍ବଭଳି ଚାଉଳ ସହିତ ଗହମ ଯୋଗାଇ ଦିଆଯିବ; ବିଧାନସଭାରେ କହିଲେ, ଖାଦ୍ୟ ଯୋଗାଣ ମନ୍ତ୍ରୀ
- ଓ୍ୱେଭ୍ସ୍ ସମ୍ମିଳନୀ ପୂର୍ବରୁ ଆସନ୍ତାକାଲି ନୂଆଦିଲ୍ଲୀରେ ୧୦୦ରୁ ଅଧିକ ଦେଶର ରାଷ୍ଟ୍ରଦୂତଙ୍କ ସହ ଆଲୋଚନା କରିବେ କେନ୍ଦ୍ରମନ୍ତ୍ରୀ
- ପୁରୀ ଶ୍ରୀମନ୍ଦିରର ରତ୍ନଭଣ୍ଡାର ଓ ଆନୁଷଙ୍ଗିକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଏଏସ୍ଆଇ ମହାନିର୍ଦ୍ଦେଶକଙ୍କ ସହ ଆଲୋଚନା କଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

ଏବଂ

- ଧୂମପାନର କ୍ଷତିକାରକ ପ୍ରଭାବଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଆଜି ପାଳନ କରାଯାଉଛି ଜାତୀୟ ଧୂମପାନ ବର୍ଜନ ଦିବସ

## ବିଧାନସଭା

ରାସନକାର୍ଡଧାରୀଙ୍କୁ ପୂର୍ବଭଳି ଚାଉଳ ସହ ଗହମ ଯୋଗାଇ ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ କହିଛନ୍ତି । କଂଗ୍ରେସ ସଦସ୍ୟ ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, କେନ୍ଦ୍ର ସରକାର ଗତବର୍ଷ ଅକ୍ଟୋବର ମାସରୁ ଖାଉଟିମାନଙ୍କୁ ଉଭୟ ଚାଉଳ ଓ ଗହମ ଯୋଗାଇ ଦେବାପାଇଁ ଆବଣ୍ଟନପତ୍ର ଜାରି କରିଥିଲେ । ଭାରତୀୟ ଖାଦ୍ୟ ନିଗମରୁ ଗହମ ଉଠାଣ ପାଇଁ ଆବଶ୍ୟକ ପରିବହନ ବ୍ୟବସ୍ଥା ସ୍ଥିରୀକୃତ ହୋଇ ନଥିବାରୁ ବଣ୍ଟନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିଲା । ଗହମ ବଦଳରେ ହିତାଧିକାରୀଙ୍କୁ ଶତ ପ୍ରତିଶତ ଚାଉଳ ବଣ୍ଟନ କରାଯାଉଥିବା ମନ୍ତ୍ରୀ ଶ୍ରୀ ପାତ୍ର ଗୃହରେ ସୂଚନା ଦେଇଛନ୍ତି ।

## ଶୂନ୍ୟ ସଡକ ଦୁର୍ଘଟଣା ଦିବସ

ରାଜ୍ୟ ସରକାର ସଡକ ସୁରକ୍ଷା ପ୍ରତି ସଚେତନତା ବୃଦ୍ଧି ଏବଂ ଆଚରଣଗତ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଶୂନ୍ୟ ସଡକ ଦୁର୍ଘଟଣା ଦିବସ ଅଭିଯାନ ଆରମ୍ଭ କରିବେ । ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ  ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି । ସଡକ ସୁରକ୍ଷା ଦିଗରେ ସାମୁହିକ ଦାୟିତ୍ୱ ଏବଂ ଆନ୍ତଃ ବିଭାଗୀୟ ସମନ୍ୱୟ ଉପରେ ଶ୍ରୀମତୀ ପାଢ଼ୀ ବୈଠକରେ ଗୁରୁତ୍ୱାରୋପ କରିଥିଲେ । 'ସୁରକ୍ଷା ପ୍ରଥମେ' ମାନସିକତା ସୃଷ୍ଟି କରିବାରେ ମହିଳାମାନେ

ପରିବର୍ତ୍ତନର ଦୂତ ଭାବେ ଏହି ଅଭିଯାନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

## ୱେଭ୍‌ସ୍

ଆସନ୍ତା ମଇ ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ହେବାକୁ ଥିବା ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍‌ସ୍‌କୁ ବ୍ୟାପକ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ନୂଆଦିଲ୍ଲୀରେ ୧୦୦ ରୁ ଅଧିକ ଦେଶର ରାଷ୍ଟ୍ରଦୂତ ଏବଂ ଉଚ୍ଚଆୟୁକ୍ତଙ୍କୁ ୱେଭ୍‌ସ୍ ସମ୍ପର୍କରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସୂଚନା ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍.ମୁରୁଗାନ ଆଲୋଚନା କରିବେ। ବିଶ୍ୱସ୍ତରରେ ସୌହାର୍ଦ୍ଦ୍ୟ ବୃଦ୍ଧି ଉଦ୍ଦେଶ୍ୟରେ ୱେଭ୍‌ସ୍ ତତ୍ତ୍ୱାବଧାନରେ ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରରେ ବିଭିନ୍ନ ରାଷ୍ଟ୍ରଙ୍କ ପାଇଁ ସମାନ ସୁଯୋଗ ଉପଲବ୍ଧ କରିବା ପାଇଁ ଆସନ୍ତାକାଲିର ସମ୍ମିଳନୀର ଆୟୋଜନ କରାଯାଇଛି। ୱେଭ୍‌ସ୍  ହେଉଛି ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଯାହାକି, ସମଗ୍ର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରକୁ ଏକାଠି କରି ମଇ ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇଠାରେ ଏକ ସମ୍ମିଳନୀର ଆୟୋଜନ କରାଯିବ।

## ପୁରୀ-ଅରବିନ୍ଦ ପାଢ଼ୀ

ପୁରୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଆଜି ନୂଆଦିଲ୍ଲୀଠାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥାର ମହାନିର୍ଦ୍ଦେଶକ ଡକ୍ଟର ଯଦୁବୀର ସିଂ ରାଓ୍ୱତ୍‌ଙ୍କ ସହ ସାକ୍ଷାତ କରି ଶ୍ରୀମନ୍ଦିର ରତ୍ନଭଣ୍ଡାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି।  ଆଲୋଚନା ସମୟରେ ପୁରୀ ଶ୍ରୀମନ୍ଦିରର

ପାର୍ଶ୍ୱମନ୍ଦିର, ଶ୍ରୀମନ୍ଦିର ଆଲୋକୀକରଣ, ନାଟ୍ୟମଣ୍ଡପରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା ସହିତ ଅନ୍ୟ କେତେକ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏହା ବ୍ୟତୀତ ଡକ୍ଟର ପାଢ଼ୀ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କୁ ସାକ୍ଷାତ କରି ପୁରୀ ରଥଯାତ୍ରାକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରିବା ସମ୍ବନ୍ଧରେ ଆଲୋଚନା ହୋଇଥିବା ଜଣାପଡିଛି।

## ଗଙ୍ଗୁଆ ନାଳ

ଭୁବନେଶ୍ୱର ପଳାଶୁଣିରେ ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ଲାଗି ପ୍ରସ୍ତାବିତ ଗଙ୍ଗୁଆ ନାଳ ଉପରେ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣକୁ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନିତୀନ୍ ଗଡକରୀ ମଞ୍ଜୁରୀ ଦେଇଛନ୍ତି। ୪ ଥାକିଆ ରାସ୍ତାକୁ ୬ ଥାକିଆ କରିବା ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀଙ୍କୁ ସାକ୍ଷାତ କରିବା ପରେ ଏ ନେଇ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ସାଂସଦ ଶ୍ରୀମତୀ ଷଡଙ୍ଗୀ କହିଛନ୍ତି।

## ସିକିଲ ସେଲ

ଭୁବନେଶ୍ୱରଠାରେ 'ରକ୍ତଶିକୁଳି ଏବଂ ରକ୍ତହୀନତା ନିରାକରଣ' ବିଷୟବସ୍ତୁକୁ ନେଇ ଆୟୋଜିତ ଦୁଇଦିନିଆ ଜାତୀୟ ସ୍ତରୀୟ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ରକ୍ତଶିକୁଳି ରୋଗର ନିରାକରଣ, ଚିକିତ୍ସା ଏବଂ ପରିଚାଳନାରେ ଅଗ୍ରଗତି, ଜାତୀୟ ରକ୍ତଶିକୁଳି ରୋଗ ଦୂରୀକରଣ କାର୍ଯ୍ୟକ୍ରମକୁ ବ୍ୟାପକ ଓ ପରିବର୍ତ୍ତନ କରିବା, ସାମାଜିକ

ଆଚରଣ ପରିବର୍ତ୍ତନ ଓ ବହୁମୁଖୀ ପଦକ୍ଷେପ ନିଆଯିବା ଉପରେ ଆଲୋଚନା କରାଯାଇଛି ।

ଏଥିରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ସଚିବ ସଞ୍ଜୀବ କୁମାର ମିଶ୍ର, ଅନୁସୂଚିତ ଜାତି ନିର୍ଦ୍ଦେଶକ ପୋମା ଟୁଡୁ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଉପ ଶାସନ ସଚିବ ଡକ୍ଟର ରାଜି ଏନ୍.ଏସ୍ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ବୃନ୍ଦା ଡି. ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, କେନ୍ଦ୍ର ଓ ରାଜ୍ୟ ସରକାର ଆସନ୍ତା ୨୦୪୭ ମସିହା ସୁଦ୍ଧା ଦେଶରୁ ରକ୍ତଶିକୁଳି ଓ ରକ୍ତହୀନତା ରୋଗର ନିରାକରଣ ପାଇଁ ଲକ୍ଷ୍ୟ ରଖିଛନ୍ତି ।

## ଜାତୀୟ ଧୂମପାନ ବର୍ଜନ ଦିବସ

ଧୂମପାନର କ୍ଷତିକାରକ ପ୍ରଭାବଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚମାସର ଦ୍ୱିତୀୟ ବୁଧବାରକୁ ଜାତୀୟ ଧୂମପାନ ବର୍ଜନ ଦିବସ ଭାବେ ପାଳନ କରାଯାଇଥାଏ । ଧୂମପାନ ଛାଡ଼ି ଲୋକମାନେ ନିଜ ଜୀବନକୁ ଯେପରି ସୁଖମୟ କରିପାରିବେ ଏବଂ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବେ ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଚଳିତ ବର୍ଷ ଜାତୀୟ ଧୂମପାନ ବର୍ଜନ ଦିବସର ବାର୍ତ୍ତା ହେଉଛି 'ଧୂମପାନକୁ ନା, ଜୀବନକୁ ହଁ କୁହ' । ପରିସଂଖ୍ୟାନ ତଥ୍ୟ ଅନୁସାରେ ଜଣେ ବ୍ୟକ୍ତି ସିଗାରେଟ୍ ପାନକଲେ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ । ହୃଦ୍‌ଜନିତ ରୋଗର ୨୦ ପ୍ରତିଶତ ଧୂମପାନ କାରଣରୁ ହୋଇଥାଏ । ଭାରତରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ

ଧୂମପାନ ଜନିତ ରୋଗରେ ମୃତ୍ୟୁବରଣ କରିଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଥ୍ୟ ଅନୁସାରେ ଭାରତର ୭୦ ପ୍ରତିଶତ ପୁରୁଷ ଏବଂ ପ୍ରାୟ ୧୫ ପ୍ରତିଶତ ମହିଳା ଧୂମପାନ କରିଥାନ୍ତି। ଧୂମପାନ ଦ୍ୱାରା ତମାଖରୁ ସୂକ୍ଷ୍ମକଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଉଚ୍ଚ ରକ୍ତଚାପ, କ୍ୟାନସର, ହୃଦ୍‌ରୋଗ ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ।

## ଆଲୋଚନାଚକ୍ର

**ନୂଆପଡା** ଜିଲ୍ଲା ଖଡିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଇତିହାସ ଓ ସାହିତ୍ୟର ମାନବ ବିଦ୍ୟାଭିତ୍ତିକ ବିମର୍ଶ ପ୍ରସଙ୍ଗ ଉପରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ଅଂଚଳର ଭାଷା, ସାହିତ୍ୟ, ଲୋକବିଶ୍ୱାସ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଗବେଷଣା ପରିଷଦ କଟକର ସମ୍ପାଦକ ଡକ୍ଟର ଗୌରାଙ୍ଗ ଚରଣ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସାହିତ୍ୟ ଓ ଇତିହାସ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ହୋଲି-ସ୍ୱତନ୍ତ୍ର ଟ୍ରେନ୍

ହୋଲି ପର୍ବ ସମୟରେ ଯାତ୍ରୀ ଭିଡକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ପ୍ରମୁଖ ସ୍ଥାନଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ସଂଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ରାୟଗଡ଼ା-ଟିଟିଲାଗଡ଼-ସମ୍ବଲପୁର-ରାଉରକେଲା ମାର୍ଗ ଦେଇ ବିଶାଖାପାଟଣା ଓ ପାଟଣା ମଧ୍ୟରେ ଗୋଟିଏ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ବିଶାଖାପାଟଣା-ପାଟଣା-ବିଶାଖାପାଟଣା ହୋଲି ସ୍ପେଶାଲ ଟ୍ରେନ୍

ବିଶାଖାପାଟଣାରୁ ପ୍ରତି ରବିବାର ୭ ଟା ୩୦ରୁ ଛାଡିବ। ସେହିପରି ପାଟଣାରୁ ପ୍ରତି ସୋମବାର ୧୦ ଟା ୩୦ ମିନିଟ୍‌ରେ  ଏହି ଟ୍ରେନ୍ ପ୍ରତ୍ୟାବର୍ତ୍ତନ କରିବ।

## ସମବାୟ ପ୍ରଶିକ୍ଷଣ

**ବୌଦ୍ଧ** ଆରଏମ୍‌ସି ସମ୍ମିଳନୀ କକ୍ଷରେ ସମବାୟ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ପେକ୍ସ ସଭାପତି ଓ ପରିଚାଳନା କମିଟି ସଦସ୍ୟଙ୍କ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ତଥା ପେକ୍ସଗୁଡ଼ିକର ସଭାପତି ଓ ନିର୍ବାଚିତ ସଦସ୍ୟଙ୍କ ସମବାୟ ସମିତି ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି।

## ପ୍ରକୃତି ମିତ୍ର ପୁରସ୍କାର

**ବୌଦ୍ଧ** ଜିଲ୍ଲା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ  ଅନୁଷ୍ଠିତ ବିଚାରକ ମଣ୍ଡଳୀ ସଭାରେ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ନାମ ଘୋଷଣା କରାଯାଇଛି। ପ୍ରକୃତି ମିତ୍ର ପୁରସ୍କାର ପାଇଁ ତେଲିବନ୍ଧ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟ ସହ ଅନ୍ୟ ୨ଟି ସ୍କୁଲକୁ ମନୋନୀତ କରାଯାଇଛି। ସେହିପରି ପ୍ରକୃତିବନ୍ଧୁ ପୁରସ୍କାର ପାଇଁ ବ୍ଲକ୍‌ର ନବକିଶୋର ଦିପ୍, କଣ୍ଟାମାଳର ବନମାଳୀ ମେହେର ଓ ହରଭଙ୍ଗା ବ୍ଲକ୍‌ର ସୁଧୀର କୁମାର ଭୋଇଙ୍କୁ ଚୟନ କରାଯାଇଛି। ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ଚୟନ ହୋଇଥିବା ଅନୁଷ୍ଠାନମାନଙ୍କୁ ବିଶ୍ୱ ପରିବେଶ ଦିବସରେ ରାଜ୍ୟସ୍ତରୀୟ ଉତ୍ସବରେ ପୁରସ୍କୃତ କରାଯିବ।

## ସମୀକ୍ଷା ବୈଠକ

ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ **କୋରାପୁଟ** ଜିଲ୍ଲା ଗସ୍ତରେ ଯାଇ ନିର୍ବାଚନ ସମ୍ବନ୍ଧୀୟ ସମୀକ୍ଷା ବୈଠକ କରିଥିଲେ। ବୈଠକରେ

କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାରେ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ପରିଷଦ, ବିଜ୍ଞପିତ ଅଞ୍ଚଳ ପରିଷଦର ଭିତ୍ତିଭୂମି ଉନ୍ନତି ପ୍ରସଙ୍ଗ, ଅସ୍ଥାୟୀ ଭୋଟ କେନ୍ଦ୍ର ଏବଂ ଇଭିଏମ୍-ବାଲାଟ ବକ୍ସ ଆଦିକୁ ନେଇ ଆଲୋଚନା କରାଯାଇଥିବା ଶ୍ରୀ ପାଢ଼ୀ କହିଛନ୍ତି। ବୈଠକରେ ୪ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।